## ଦଳର ପରିଚ୍ଛଳନା :

- ନିୟମିତ ଭାବେ (ପ୍ରତି ୭-୧୦ ଦିନରେ ଥରେ) ବାକ୍ସ ପରୀକ୍ଷା କରନ୍ତୁ ।
- ଋତୁ ଅନୁଯାୟୀ ଦଳର ପରିଚାଳନା କରନ୍ତୁ

### ଜାନୁଆରୀ-ମାର୍ଚ୍ଚ:

ଏହା ମହୁମାଛି ବଂଶବୃଦ୍ଧି ପାଇଁ ଅନୁକୂଳ ସମୟ ବାକ୍ସର ଛାତପଟାର ଭିତର ପାଖରେ ଅନେକ ସଂଖ୍ୟାରେ ମାଛିଥିଲେ ଉକ୍ତ ଦଳ ବିଭାଜନ ଯୋଗ୍ୟ । ତେଣୁ ଦଳ ବିଭାଜନ କରନ୍ତୁ ଦଳରେ ସ୍ଥାନାଭାବର ନିରାକରଣ ପାଇଁ ଶାବକକକ୍ଷ ଉପରେ ମଧୁକକ୍ଷ ସ୍ଥାପନ କରନ୍ତୁ ଶାବକ କକ୍ଷରୁ ପୁରୁଣାଫେଣା କାଟି ମଧୁକକ୍ଷରେ ବାନ୍ଧି ଦିଅନ୍ତୁ । ଆବଶ୍ୟକ ହେଲେ ୮ଟି ଫେଣା ଜାଗାରେ ୫-୬ଟି ଫେଣା ରଖନ୍ତୁ

ଶାବକ କକ୍ଷର ଦୁଇଟି ମାଛିଥିବା ଫେଣା ମଧ୍ୟରେ ଖାଲି ଫ୍ରେମରଖି ନୂଆ ଫେଣା ଗଢ଼ିବାକୁ ସୁଯୋଗ ଦିଅନ୍ତୁ

ସ୍ୱାର୍ମିଂ ବା ପ୍ରାକୃତିକ ବିଭାଜନ ଏଡାଇବା ପାଇଁ ଅନୁପଯୁକ୍ତ ରାଣୀକୁ ଦଳରୁ ବାହାର କରିଦିଅନ୍ତୁ

### ଏପ୍ରିଲ-ମେ:

ଅତ୍ୟଧିକ ଉତ୍ତାପର ପ୍ରଭାବରୁ ଦଳର ସୁରକ୍ଷା ବ୍ୟବସ୍ଥା କରନ୍ତୁ

ବାୟୁ ଚଳାଚଳ ପାଇଁ ସୁବିଧା ସୃଷ୍ଟି କରାନ୍ତୁ

ଦଳ ନିକଟରେ ନିର୍ମଳ ଜଳ ମିଳିବାର ବ୍ୟବସ୍ଥା କରନ୍ତୁ

### ଜୁନ୍-ସେପ୍ଟେମ୍ବର:

ମହୁମାଛିଙ୍କ ପାଇଁ ଏହା ସଙ୍କଟ ସମୟ ତେଣୁ କୃତ୍ରିମ ଖାଦ୍ୟ ଯୋଗାଣ ବ୍ୟବସ୍ଥା କରନ୍ତୁ

ବାକ୍ସର ଚତୁଃପାର୍ଶ୍ୱ ଓ ତଳପଟା ପରିଷ୍କାର ରଖନ୍ତୁ

ଦଳକୁ ସବଳ ରଖିବାକୁ ଚେଷ୍ଟା କରନ୍ତୁ

ଖାଦ୍ୟଲୁଟି, ମହମଶଲଭ ଓ ଅନ୍ୟାନ୍ୟ ଶତ୍ରୁ ଆକ୍ରମଣ, ରାଣୀ ବିହୀନ ଦଳ ଇତ୍ୟାଦି ସମସ୍ୟାରୁ ଦଳକୁ ରକ୍ଷାକରନ୍ତୁ ।

### ଅକ୍ଟୋବର-ଡିସେମ୍ବର:

ଖରା ପାଗରେ ବାକ୍ସ ନିରୀକ୍ଷଣ କରନ୍ତୁ ଓ ବାକ୍ସ ମଧ୍ୟରେ ଉତ୍ତାପ ନିୟନ୍ତ୍ରଣ ସୁବିଧାପାଇଁ ଡମିପଟା ବ୍ୟବହାର କରନ୍ତୁ ।

ପସ୍ୱରୁଣା ଫେଣା ଗୁଡ଼ିକୁ ନଷ୍ଟ କରିଦିଅନ୍ତୁ

ଦୁର୍ବଳ ଦଳକୁ ସବଳ ଦଳ ସହ ମିଶାଇ ଦିଅନ୍ତୁ

ପୁରୁଷମାଛି ସୃଷ୍ଟିର ନିୟନ୍ତ୍ରଣ କରନ୍ତୁ

### ମହୁମାଛିର ଶତ୍ରୁ:

ସଫଳ ମହୁମାଛି ଚାଷପାଇଁ ମହୁମାଛିର ମୁଖ୍ୟଶତ୍ରୁ ଯଥା ମହମଶଲଭ, ବିରୁଡି, ବୁଢ଼ିଆଣୀ, ଉଇ, ଅଷ୍ଟପଦୀ ଏବଂ ମୁଖ୍ୟରୋଗ ଯଥା- ଥାଇସ୍ୟାକବୃଡ୍, ନୋସେମା ଇତ୍ୟାଦିକୁ ଚିହ୍ନନ୍ତୁ ଓ ବିଶେଷଜ୍ଞଙ୍କ ସହ ପରାମର୍ଶ କରି ନିରାକରଣ ବ୍ୟବସ୍ଥା ଗ୍ରହଣ କରନ୍ତୁ ।

### ମହୁ ନିଷ୍କାସନ:

ମଧୁ ନିର୍ଗମନ ଋତୁରେ ଫେଣାରେ ମହୁ ସଂଚିତ ହୋଇ ୭୦-୮୦% ମୁଦ ହୋଇଗଲେ ମହୁ ନିଷ୍କାସନଯନ୍ତ୍ର ସାହାଯ୍ୟରେ ମହୁନିଷ୍କାସନ କରନ୍ତୁ, ମହୁକୁ ୫୦-୬୦ ସେଣ୍ଟିଗ୍ରେଡ଼ ଉତ୍ତାପରେ ୧୫-୨୦ ମିନିଟ୍ ପରୋକ୍ଷ ଭାବରେ ଗରମ କରି, ଛାଣି କାଚ ବୋତଲରେ ରଖନ୍ତୁ ।



ମହୁ ଏକ ସର୍ବୋତ୍କୃଷ୍ଟ ପ୍ରାକୃତିକ ମହୋଷଧି



# ସପ୍ତଫେଣୀ ମହୁମାଛି ପାଳନର ସରଳ ଉପାୟ

# EASY WAY OF HONEY BEE REARING

ମହୁମାଛି ଏକ ଅତି ଉପକାରୀ, ସୁସଂଗଠିତ ସାମାଜିକ କୀଟ । ଆଦିମ କାଳରୁ ଏହା ଆମ ସଂସ୍କୃତି ସହିତ ଜଡିତ । ମହୁ ଓ ମହୁମାଛି ଦ୍ୱାରା ସଂଗଠିତ ପରାଗସଙ୍ଗମ ଜନିତ ଫସଲର ଅମଳ ବୃଦ୍ଧି ମାନବ ସମାଜକୁ ମହୁମାଛିର ଦୁଇଟି ମୁଖ୍ୟ ଉପହାର । ଆଜିର ସମନ୍ୱିତ ଚାଷ ପଦ୍ଧତିରେ ମହୁମାଛିର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ତେଣୁ ମହୁ ମାଛି ପାଳନର ଚାହିଦା ଦିନକୁ ଦିନ ବୃଦ୍ଧି ପାଉଛି । ବୈଜ୍ଞାନିକ ପ୍ରଣାଳୀରେ ମହୁମାଛି ପାଳନ ଅତି ସରଳ, ବ୍ୟୟସାପେକ୍ଷ, ପରିବେଶ ଉପଯୋଗୀ ଗ୍ରାମୀଣ ବ୍ୟକ୍ତିମାନଙ୍କୁ ରୋଜଗାର ଯୋଗାଇବା ଯୋଗ୍ୟ ଏକ କୁଟୀର ଶିଳ୍ପ । ସଫଳ ମହୁମାଛି ପାଳନ ପାଇଁ ଯଦିଓ ଅନେକ ବୈଷୟିକ ଜ୍ଞାନ କୌଶଳର ଆବଶ୍ୟକତା ରହିଛି ତଥାପି ଆଗ୍ରହର ସହିତ ମନୋନିବେଶ କଲେ ଯେ କୌଣସି ବ୍ୟକ୍ତି ସରଳ ଉପାୟରେ ସପ୍ତଫେଣୀ ମହୁମାଛି ଚାଷ କରିପାରିବେ ।

Prof. P.P. Singh, PI
SOCIO CULTURAL DEVELOPMENT CENTRE
Honey Bee Project Supported by : NRDMS, DST
Govt. of India, New Delhi

सर्वे भवन्तु सुखिनः

सत्यमेव जयते

**ସ୍ଥାନ ନିରୂପଣ:** ମକରନ୍ଦ ଓ ପରାଗରେଣୁ ମହୁମାଛିର ପ୍ରାକୃତିକ ଖାଦ୍ୟ, ତେଣୁ

- ମହୁମାଛିକୁ ମକରନ୍ଦ, ପରାଗରେଣୁ ବା ଉଭୟ ଯୋଗାଇ ପାରୁଥିବା ମହୁମାଛି ଚରାବୃକ୍ଷକୁ ଚିହ୍ନନ୍ତୁ ଓ ୧ କି.ମି. ବ୍ୟାସାର୍ଦ୍ଧରେ ପ୍ରଚୁର ଚରାବୃକ୍ଷ ଥିବା ସ୍ଥାନରେ ମହୁମାଛି ରକ୍ଷ କରନ୍ତୁ ।
- ପରିଷ୍କାର ପରିଚ୍ଛନ୍ନ, ବାୟୁଚଳାଚଳ ଯୁକ୍ତ, ଯଥେଷ୍ଟ ଛାଇ ଓ ସୂର୍ଯ୍ୟକିରଣର ଓ ଯଥେଷ୍ଟ ନିର୍ମଳ ଜଳ ଥିବା ସ୍ଥାନ, ମୁଖ୍ୟ ରାସ୍ତାଠାରୁ ଦୂରରେ ମାତ୍ର ଯାତାୟତ ସୁବିଧା ଥିବା, ଶାନ୍ତ, ଶୀତଳ ପ୍ରାକୃତିକ ପରିବେଶ ଏଥିପାଇଁ ଉପଯୁକ୍ତ ।
- ନିର୍ଦ୍ଧାରିତ ସ୍ଥାନରେ ୮-୧୦ ଫୁଟ ବ୍ୟବଧାନରେ ନିରାପଦ ଷ୍ଟାଣ୍ଡ ଉପରେ ମହୁମାଛି ବାକ୍ସ ବସାଇବା ଉଚିତ୍ ।

## ମହୁମାଛି ଓ ମହୁମାଛି ଦଳ ବିଷୟରେ ଜାଣନ୍ତୁ:



ପ୍ରକୃତିରେ ମୁଖ୍ୟତଃ ପାଞ୍ଚ କିସମର ମହୁମାଛି ଯଥା- ବାଘୁଆ, ଡାଳି, ସପ୍ତଫେଣୀ, ନିକୁଟି ଓ ବିଦେଶରୁ ଆନିତ ପାଶ୍ଚାତ୍ୟ ମହୁମାଛି ଉପଲବ୍ଧ । ସେଥିମଧ୍ୟରୁ ବିଯୋଡ଼ ଫେଣାକରି ଅନ୍ଧାରୁଆ ସ୍ଥାନରେ ରହୁଥିବା ମଧ୍ୟମ ଆକାରର ସପ୍ତଫେଣୀକୁ ଚିହ୍ନନ୍ତୁ ।

## ମହୁମାଛି ଦଳ

**ରାଣୀ ମାଛି:** ଆକାରରେ ବୃହତ୍ତମ, ତମ୍ବାଳିଆ, ଡେଣା ଦେହତୁଳନାରେ ଛୋଟ, ପୂର୍ଣ୍ଣତା ପ୍ରାପ୍ତ ମାଇ ଓ ଏହାର ମୁଖ୍ୟକାର୍ଯ୍ୟ ଅଣ୍ଡାଦେବା ଓ ବଂଶବୃଦ୍ଧି । ଦିନକୁ ୩୦୦ ରୁ ୮୦୦ ଅଣ୍ଡା ଦିଏ । ପ୍ରାୟ ୨ରୁ ୩ ବର୍ଷ ଯାଏ ବଞ୍ଚେ । ଦେଢ଼ ବର୍ଷ ଯାଏ ସକ୍ରିୟ ରହେ । ଦଳକୁ ଶୃଙ୍ଖଳିତ କରିରଖେ । ଅଧିକ ଦିନ ରାଣୀ ବିହିନ ରହିଲେ ଦଳ ଲୋପ ପାଇଥାଏ ।




**କର୍ମୀ ମାଛି:** ଏମାନେ ଆକାରରେ ସବୁଠାରୁ ଛୋଟ, ତମ୍ବାଳିଆ, ଡେଣା ଦେହ ଲମ୍ବ ସଙ୍ଗେ ସମାନ, ଛଅ ସପ୍ତାହରୁ ୬ ମାସ ଯାଏ ବଞ୍ଚେ, ବୟସ ଓ ରାଣୀର ନିର୍ଦ୍ଦେଶ ଅନୁସାରେ ଖୋପ ଓ ବସା ସଫାକରିବା, ଫେଣା ଗଢ଼ିବା, ଘର ଜଗିବା, ମହୁକୁ ସାଇତି ରଖିବା ଇତ୍ୟାଦି ସବୁ କାମ କରନ୍ତି । ବସାରେ ୩ ସପ୍ତାହ କାମ କଲାପରେ ଅବଶିଷ୍ଟ କାର୍ଯ୍ୟକାଳ ମଧ୍ୟରେ ପରାଗ ରେଣୁ, ମକରନ୍ଦ ଓ ପାଣି ସଂଗ୍ରହ କରନ୍ତି । ଦଳର ସୁରକ୍ଷା ପାଇଁ ଶତ୍ରୁକୁ ଲାହୁଡରେ ବିନ୍ଧନ୍ତି ।

**ପୁରୁଷ ମାଛି:** କେବଳ ସଙ୍ଗମ ଋତୁରେ ଦେଖାଯାଆନ୍ତି । ରାଣୀଠାରୁ ଛୋଟ କର୍ମୀଠାରୁ ବଡ଼, ଦେଖିବାକୁ କଳା ଓ ମୋଟା, ଦେହ ଠାରୁ ଡେଣା ବଡ଼, ଲାହୁଡ଼ ବିହୀନ, ଏମାନଙ୍କର ମୁଖ୍ୟକମ ସଙ୍ଗମ । ଏମାନେ କର୍ମୀମାଛି ଠାରୁ ବହୁତ୍ ଅଧିକ ପରିମାଣର ଖାଦ୍ୟ ଖାଆନ୍ତି ।

## ମହୁମାଛି ପାଳନ ଆରମ୍ଭ ପାଇଁ ସଂଗ୍ରହ କରନ୍ତୁ

୧




୨

### ଆନୁସଙ୍ଗିକ ଉପକରଣ

ଷ୍ଟାଣ୍ଡ, ପିମ୍ପୁଡି ନିରୋଧକ ଯନ୍ତା, ଡମି ପଟା, ଛୁରୀ, ରାଣୀ ଜାଲି, ପୁରୁଷ ମାଛି ଯନ୍ତା, ଦଳ ଧରିବା ବାକ୍ସ, ନ୍ୟୁକ୍ଲିଅସ୍ ବାକ୍ସ, ମୁହଁ ଜାଲି, ହାତ ମୋଜା ଇତ୍ୟାଦି ।

### ୩ ମହୁମାଛି ଦଳ

ସରକାରୀ, ସମବାୟ ସଂସ୍ଥା, ବେସରକାରୀ ସଂସ୍ଥା ବା ବହୁଚାଷୀଙ୍କଠାରୁ ବିଭାଜିତଦଳ କିଣି ପାରିବେ ।

ଅଥବା

ପୁରୁଣା ଦଳକୁ ବିଭାଜନ କରି ବିଭାଜିତ ଦଳ, ପ୍ରାକୃତିକ ଦଳ ବା ସ୍ୱାର୍ମଦଳ ସଂଗ୍ରହ କରି ମହୁମାଛି ପାଳନ ଆରମ୍ଭ କରିପାରିବେ ।

**ଦଳ କିଣିବାର ପ୍ରକୃଷ୍ଟ ସମୟ-** ଡିସେମ୍ବର-ଜାନୁଆରୀ

## ଉତ୍ତମ ଦଳର ଗୁଣ :

- ଦଳ ଚାରିଫେଣାଯୁକ୍ତ ହୋଇଥିବ
- ଦଳରେ ସଂଖ୍ୟା ଗରିଷ୍ଠ ମାଛି, ଯଥେଷ୍ଟ ଅଣ୍ଡା, ଶାବକ, ପରାଗରେଣୁ ଓ ମହୁ ଗଚ୍ଛିତ ଥିବା ଆବଶ୍ୟକ ।
- ରାଣୀ କମ୍ ବୟସର ହୋଇଥିବ
- ଦଳ ପୁରୁଷ ମାଛି ବିହୀନ ହୋଇଥିବ **(କମ୍ ବୟସ ରାଣୀର ପେଟ ସଳଖ, ଏହା ତମ୍ବାଳିଆ ଓ ଚଳଚଞ୍ଚଳ)**

## ଦଳ ସଂଗ୍ରହ ପ୍ରଣାଳୀ :

ଡିସେମ୍ବର ମାସରୁ ଏପ୍ରିଲ ମାସ ମଧ୍ୟରେ ପ୍ରାକୃତିକ ଦଳ ଓ ପୂର୍ବାହ୍ନ ସମୟରେ ସ୍ୱାର୍ମଦଳ ଦେଖିବାର ୧ ଘଣ୍ଟା ମଧ୍ୟରେ ସ୍ୱାର୍ମଦଳକୁ ଧରି ବାକ୍ସରେ ରଖି ମହୁଚାଷ ଆରମ୍ଭ କରାଯାଇ ପାରେ । ଦଳ ସଂଗ୍ରହର ଜ୍ଞାନକୌଶଳ ପାଇଁ ସ୍ୱତନ୍ତ୍ର ତାଲିମ ନେବା ନିହାତି ଆବଶ୍ୟକ ।




ସ୍ୱାର୍ମ ଦଳ ସଂଗ୍ରହ




ଦଳ ବିଭାଜନ